# ଓଡିଶା ଉଠା ଜଳସେଚନ ନିଗମ (ଓଡିଶା ସରକାରଙ୍କ ଏକ ସଂସ୍ଥା)

ଏନ-୧୬/୨, ନୂଆପଲ୍ଲୀ, ଭୁବନେଶ୍ୱର

## ଡିପ୍ ବୋରୱେଲ(ବିଦ୍ୟୁତ ଚାଳିତ / ସୌର ଚାଳିତ) ନିମନ୍ତେ ଦରଖାସ୍ତ ଆହ୍ୱାନ

ବିଜୁ କୃଷକ ବିକାଶ ଯୋଜନା - ଡିପ୍ ବୋରୱେଲ ସେଚ କାର୍ଯ୍ୟକ୍ରମରେ ବିଦ୍ୟୁତ ସଂଯୋଗ / ସୌର ଶକ୍ତି ପମ୍ପ ଜରିଆରେ ଗଭୀର ନଳକୂପ ପ୍ରକଳ୍ପ ବ୍ୟକ୍ତିଗତ ମାଲିକାନା ଭିତ୍ତିରେ ସ୍ଥାପନ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ପ୍ରସ୍ତାବିତ ପ୍ରକଳ୍ପର ଆୟକଟ ଭିତରେ ଜଣେ ଆବେଦନକାରୀଙ୍କର ଅନ୍ୟୁନ ୧.୦ ଏକର ଜମି ଥିବା ଆବଶ୍ୟକ ଓ ପ୍ରତ୍ୟେକ ବୋରୱେଲ ପ୍ରକଳ୍ପ ମଧ୍ୟରେ ଅନ୍ୟୁନ ୨୦୦ ମିଟର ଦୂରତା ରହିବା ଆବଶ୍ୟକ । ପ୍ରକଳ୍ପ ସ୍ଥାପନ ନିମନ୍ତେ ଦରଖାସ୍ତ ଓ ଅନ୍ୟାନ୍ୟ ତଥ୍ୟ website: https://odishalift.com ରେ ଉପଲବ୍ଧ।

**କ) ବିଦ୍ୟୁତ ଚାଳିତ ଗଭୀର ନଳକୂପ ନିମନ୍ତେ ନିୟମାବଳୀ (Grid Conventional):**

- ଏହି ବିଦ୍ୟୁତ ଚାଳିତ ଗଭୀର ନଳକୂପ ନିମନ୍ତେ ଅନ୍ୟୁନ ୪ ଜଣ ହିତାଧିକାରୀ ଗୋଟିଏ cluster ମଧ୍ୟରେ ରହିବା ଆବଶ୍ୟକ।
- ପ୍ରସ୍ତାବିତ ପ୍ରତ୍ୟେକ cluster ନିମନ୍ତେ dedicated Sub-station ସ୍ଥାପନ କରାଯାଇ ବିଦ୍ୟୁତ ସଂଯୋଗ କରାଯିବ।
- Cluster ଗଭୀର ନଳକୂପ ନିମନ୍ତେ ବିଦ୍ୟୁତ ସରବରାହ 11/0.4 KV line ସଂଯୋଗର ଦୂରତା ଅତି ବେଶୀରେ ୩୦୦ ମିଟର ମଧ୍ୟରେ ରହିବା ଆବଶ୍ୟକ।
- ଏହି ଯୋଜନା ନିମ୍ନରେ ପ୍ରଦତ୍ତ ୨୫ ଗୋଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ।

**ଖ) ସୌର ଚାଳିତ ଗଭୀର ନଳକୂପ ନିମନ୍ତେ ନିୟମାବଳୀ (Solar Pumping system):**

- ପ୍ରସ୍ତାବିତ ଗଭୀର ନଳକୂପ ପ୍ରକଳ୍ପ ଅଗମ୍ୟ ଅଞ୍ଚଳରେ ସ୍ଥାପନ କରାଯିବ । ଯେଉଁ ସ୍ଥାନରେ ବିଦ୍ୟୁତ ସରବରାହ 11/0.4 KV lineର ସୁବିଧା ନ ଥିବ କିମ୍ବା ୩୦୦ ମିଟରରୁ ଠାରୁ ଦୂରତା ଅଧିକ ଥିବ।
- ସୌର ଚାଳିତ ଗଭୀର ନଳକୂପ ପ୍ରକଳ୍ପ ବାତ୍ୟା ପ୍ରଭାବିତ ଅଞ୍ଚଳ (Cyclone prone area) କୁ ବାଦ୍ ଦିଆଯାଇଛି ।
- ଏହି ଯୋଜନା ନିମ୍ନରେ ପ୍ରଦତ୍ତ ୨୦ ଗୋଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ।

ଚଳିତ ବର୍ଷ ପାଇଁ ରାଜ୍ୟର ନିମ୍ନଲିଖିତ ଜିଲ୍ଲାମାନଙ୍କରେ ଆବେଦନ ପତ୍ର online ମାଧ୍ୟମରେ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଚାଷୀ ମାନେ ଏହି ଯୋଜନାରେ ସାମିଲ ହେବାପାଇଁ ଉଠାଜଳସେଚନ ନିଗମର website: https://odishalift.com ରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ତା. ୦୪ .୧୨ .୨୦୨୩ ରିଖ ଠାରୁ ତା. ୧୬.୧୨.୨୦୨୩ ରିଖ ମଧ୍ୟରେ ଆବେଦନ କରିପାରିବେ। ଏହି ଦରଖାସ୍ତ ନିକଟସ୍ଥ ଜନସେବା କେନ୍ଦ୍ରରେ ମଧ୍ୟ ଆବେଦନ ହୋଇପାରିବ ।

ଏହି ପ୍ରକଳ୍ପ ସ୍ଥାପନ ନିମନ୍ତେ ହିତାଧିକାରୀ ତାଙ୍କର ଅଂଶଧନ (Beneficiary share) ବାବଦକୁ ଏକକାଳୀନ ଟ.୨୦,୦୦୦/-ଙ୍କା (ସାଧାରଣ ବର୍ଗ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ) ଓ ଟ.୧୦,୦୦୦/-ଙ୍କା (ବି.ପି.ଏଲ ତାଲିକାଭୁକ୍ତ SC/ST ଚାଷୀଙ୍କପାଇଁ ଉଦ୍ଦିଷ୍ଟ ) ନିଜ ଜିଲ୍ଲାରେ ଅବସ୍ଥିତ Union Bank of India ର ନିର୍ଦ୍ଧାରିତ ଶାଖାରେ ତା. ୦୪ .୧୨ .୨୦୨୩ ରିଖ ଠାରୁ ତା. ୧୬.୧୨.୨୦୨୩ ରିଖ ପର୍ଯ୍ୟନ୍ତ ପଇଠ କରିପାରିବେ । ଏହି ଯୋଜନାରେ ପର୍ଯ୍ୟାପ୍ତ ରିହାତି ବ୍ୟବସ୍ଥାଥିବାରୁ ଚାଷୀମାନେ ଏହାର ସୁଯୋଗ ନେବାକୁ ଆହ୍ୱାନ କରାଯାଉଅଛି ।

ଯେଉଁ ଜିଲ୍ଲା /ବ୍ଲକ ମାନଙ୍କରେ ଡିପ୍ ବୋରୱେଲ ପ୍ରକଳ୍ପ ସ୍ଥାପନ ଅନୁପଯୁକ୍ତ କିମ୍ବା ଯେଉଁଠାରେ ପର୍ଯ୍ୟାପ୍ତ ପରିମାଣରେ ଡିପ୍ ବୋରୱେଲ ଖନନକାର୍ଯ୍ୟ ଚାଲୁରହିଛି ବର୍ତ୍ତମାନ ପାଇଁ ସେହି ଜିଲ୍ଲା/ବ୍ଲକ ମାନଙ୍କୁ ଏହି କାର୍ଯ୍ୟକ୍ରମରୁ ବାଦ୍ ଦିଆଯାଇଛି ।

| ବିଦ୍ୟୁତ ଚାଳିତ ଗଭୀର ନଳକୂପ ପ୍ରକଳ୍ପ | | | ସୌର ଚାଳିତ ଗଭୀର ନଳକୂପ ପ୍ରକଳ୍ପ | | |
|---|---|---|---|---|---|
| କ୍ରମିକ ସଂଖ୍ୟା | ଜିଲ୍ଲାର ନାମ | କାର୍ଯ୍ୟକାରୀ ହେବା ବ୍ଲକର ନାମ | କ୍ରମିକ ସଂଖ୍ୟା | ଜିଲ୍ଲାର ନାମ | କାର୍ଯ୍ୟକାରୀ ହେବା ବ୍ଲକର ନାମ |
| ୧ | ଅନୁଗୁଳ | ତାଳଚେର ବ୍ୟତୀତ ଅନ୍ୟ ସମସ୍ତ ବ୍ଲକ | ୧ | ଅନୁଗୁଳ | ତାଳଚେର ବ୍ୟତୀତ ଅନ୍ୟ ସମସ୍ତ ବ୍ଲକ |
| ୨ | ବାଲେଶ୍ୱର | ନୀଳଗିରି ଓ ଓଉପଦା। | ୨ | ଢେଙ୍କାନାଳ | ସମସ୍ତ ବ୍ଲକ |
| ୩ | ଖୋର୍ଦ୍ଧା | ବାଣପୁର , ବେଗୁନିଆ, ଚିଲିକା, ଜଟଣୀ, ଖୋର୍ଦ୍ଧା ଓ ଟାଙ୍ଗୀ | ୩ | କଳାହାଣ୍ଡି | ସମସ୍ତ ବ୍ଲକ |
| ୪ | ଢେଙ୍କାନାଳ | ସମସ୍ତ ବ୍ଲକ | ୪ | କୋରାପୁଟ | ସମସ୍ତ ବ୍ଲକ |
| ୫ | ଯାଜପୁର | ବଡଚଣା , ଦାନଗଦି , ଓ ସୁକିନ୍ଦା | ୫ | ନବରଙ୍ଗପୁର | ସମସ୍ତ ବ୍ଲକ |
| ୬ | କଳାହାଣ୍ଡି | ସମସ୍ତ ବ୍ଲକ | ୬ | କେନ୍ଦୁଝର | ସମସ୍ତ ବ୍ଲକ |
| ୭ | କୋରାପୁଟ | ସମସ୍ତ ବ୍ଲକ | ୭ | ରାୟଗଡା | ସମସ୍ତ ବ୍ଲକ |
| ୮ | ନବରଙ୍ଗପୁର | ସମସ୍ତ ବ୍ଲକ | ୮ | ଗଜପତି | ସମସ୍ତ ବ୍ଲକ |
| ୯ | ନୟାଗଡ଼ | ନୟାଗଡ଼ ବ୍ୟତୀତ ଅନ୍ୟ ସମସ୍ତ ବ୍ଲକ | ୯ | ବୌଦ୍ଧ | ସମସ୍ତ ବ୍ଲକ |
| ୧୦ | କେନ୍ଦୁଝର | ସମସ୍ତ ବ୍ଲକ | ୧୦ | ଦେଓଗଡ | ସମସ୍ତ ବ୍ଲକ |
| ୧୧ | ରାୟଗଡା | ସମସ୍ତ ବ୍ଲକ | ୧୧ | ଝାରସୁଗୁଡା | ସମସ୍ତ ବ୍ଲକ |
| ୧୨ | ଗଞ୍ଜାମ | ଗଞ୍ଜାମ ବ୍ୟତୀତ ଅନ୍ୟ ସମସ୍ତ ବ୍ଲକ | ୧୨ | ବରଗଡ | ସମସ୍ତ ବ୍ଲକ |
| ୧୩ | ଗଜପତି | ସମସ୍ତ ବ୍ଲକ | ୧୩ | ବଲାଙ୍ଗିର | ସମସ୍ତ ବ୍ଲକ |
| ୧୪ | ବୌଦ୍ଧ | ସମସ୍ତ ବ୍ଲକ | ୧୪ | କନ୍ଧମାଳ | ସମସ୍ତ ବ୍ଲକ |
| ୧୫ | ଦେଓଗଡ | ସମସ୍ତ ବ୍ଲକ | ୧୫ | ମାଲକାନଗିରି | ସମସ୍ତ ବ୍ଲକ |
| ୧୬ | ଝାରସୁଗୁଡା | ସମସ୍ତ ବ୍ଲକ | ୧୬ | ମୟୂରଭଞ୍ଜ | ବଡସାହି, ବାରିପଦା, ବେତନଟି, କୁଳିଅଣା, ମୋରଡ଼ା, ରସଗୋବିନ୍ଦପୁର, ଶୁଳିଆପଦା ଓ ଓ ଗୋପବନ୍ଧୁନଗର ବ୍ୟତୀତ ଅନ୍ୟ ସମସ୍ତ ବ୍ଲକ |
| ୧୭ | କଟକ | ଆଠଗଡ , ବଡମ୍ବା, ନରସିଂହପୁର ବାଙ୍କି, ବାଙ୍କି-ଡମପଡା, ଓ ଟିଗିରିଆ | ୧୭ | ନୂଆପଡା | ନୂଆପଡା ବ୍ୟତୀତ ଅନ୍ୟ ସମସ୍ତ ବ୍ଲକ |
| ୧୮ | ବଲାଙ୍ଗିର | ସମସ୍ତ ବ୍ଲକ | ୧୮ | ସମ୍ବଲପୁର | ସମସ୍ତ ବ୍ଲକ |
| ୧୯ | କନ୍ଧମାଳ | ସମସ୍ତ ବ୍ଲକ | ୧୯ | ସୁବର୍ଣ୍ଣପୁର | ସମସ୍ତ ବ୍ଲକ |
| ୨୦ | ମାଲକାନଗିରି | ସମସ୍ତ ବ୍ଲକ | ୨୦ | ସୁନ୍ଦରଗଡ | ସମସ୍ତ ବ୍ଲକ |
| ୨୧ | ମୟୂରଭଞ୍ଜ | ବଡସାହି, ବାରିପଦା, ବେତନଟି, କୁଳିଅଣା, ମୋରଡ଼ା, ରସଗୋବିନ୍ଦପୁର, ଶୁଳିଆପଦା ଓ ଗୋପବନ୍ଧୁନଗର ବ୍ୟତୀତ ଅନ୍ୟ ସମସ୍ତ ବ୍ଲକ | | | |
| ୨୨ | ନୂଆପଡା | ନୂଆପଡା ବ୍ୟତୀତ ଅନ୍ୟ ସମସ୍ତ ବ୍ଲକ | | | |
| ୨୩ | ସମ୍ବଲପୁର | ସମସ୍ତ ବ୍ଲକ | | | |
| ୨୪ | ସୁବର୍ଣ୍ଣପୁର | ସମସ୍ତ ବ୍ଲକ | | | |
| ୨୫ | ସୁନ୍ଦରଗଡ | ସମସ୍ତ ବ୍ଲକ | | | |

ଏ ସମ୍ପର୍କିତ ଅନ୍ୟାନ୍ୟ ତଥ୍ୟ ଓ ନିୟମାବଳୀ ବିଷୟରେ ନିକଟସ୍ଥ ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟରେ ଅବଗତ ହେବାକୁ ଚାଷୀମାନଙ୍କୁ ଅନୁରୋଧ କରାଯାଉଅଛି ।

ପରିଚାଳନା ନିର୍ଦ୍ଦେଶକ